## ନୀଳମାଧବ ପୀଠରେ ଦେବ ଦୀପାବଳି ଉତ୍ସବ

ଖଣ୍ଡପଡା,(ସ୍ୱ.ପ୍ର.)-କଣ୍ଟିଲୋ ନୀଳମାଧବ ପୀଠରେ ରବିବାରଠାରୁ ଆରମ୍ଭ ହୋଇଛି ଦେବ ଦିପାବଳୀ ଉତ୍ସବ। ଏହି ଉତ୍ସବ ୩ ଦିନ ପାରମ୍ପରିକ ରୀତିରେ ଚାଲିବ। କରୋନା କଟକଣା ଯୋଗୁ କେବଳ ସେବାୟତମାନେ ସେମାନଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଏହି ଉପଲକ୍ଷେ ସୋମବାର ନୀଳମାଧବ ଜୀଉଙ୍କ ସନ୍ଧ୍ୟା ଆଳତି ଓ ଧୂପ ପରେ ଠାକୁରଙ୍କ ପକ୍ଷରୁ ପୂଜାରୀ ଓ ସେବାୟତମାନେ ଦେବକୀ, ବାସୁଦେବ, ଯଶୋଦା, ନନ୍ଦ, ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ସେବାୟତମାନେ ଘିଅ ବଳିତା ଧରି ଗରୁଡଙ୍କ ପାଖରେ ଠାକୁରଙ୍କ ପିତୃ ପୁରୁଷଙ୍କ ନିମନ୍ତେ ଆଲୋକ ପ୍ରଦାନ କରିଥିଲେ। ସେହିପରି ସିଧାମୂଳା ଗୋକୁଳାନନ୍ଦ ଜୀଉ ପୀଠରେ ଦେବ ଦିପାବଳୀ ଅନୁଷ୍ଠିତ ହୋଇଛି।

## ସଂକ୍ଷେପରେ

### ଏଆଇକେଏମ୍ଏସ୍ ପକ୍ଷରୁ ଜିଲାପାଳ ଅଫିସ ସମ୍ମୁଖରେ ଧାରଣା

**ଯାଜପୁର ଟାଉନ ୧୪।୧୨ (ଡି.ଏନ୍.ଏ.):** ନୂତନ କୃଷି ଆଇନକୁ ବିରୋଧ ଓ ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ କରି ଏଆଇକେଏମ୍ଏସ୍ ଯାଜପୁର ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଥିଲା। ପ୍ରଥମେ ଏକ ଶୋଭାଯାତ୍ରା ମେଡ଼ିକାଲ ଛକରୁ ବାହାରି ବଜାର ପରିକ୍ରମା କଲା ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଜିଲା ସମ୍ପାଦକ ଅଚ୍ୟୁତ ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଉପସଭାପତି ସଦାଶିବ ଦାସ, ଏସ୍ୟୁସିଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲା ସମ୍ପାଦକ ସୁରେନ୍ଦ୍ର ମଲିକ, କ୍ଷୀରୋଦ କର, ନୃସିଂହ ପଣ୍ଡା, ସୁରେଶ ପ୍ରଧାନ, ରାଧାବଲ୍ଲଭ ମଲ୍ଲିକ, ସୁବାସ ମଲ୍ଲିକ, ତରଙ୍ଗିଣୀ ଦାସ, ସୁଲୋଚନା ପ୍ରଧାନ, ଅଜୟ ସାହ ପ୍ରମୁଖ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତିକୁ ନିନ୍ଦା କରିବା ସହ ଏହି ଆଇନକୁ ତୁରନ୍ତ ପ୍ରତ୍ୟାହାର ଦାବି କରିଥିଲେ।

### କୃଷି ଆଇନ ପ୍ରତ୍ୟାହାର ଦାବିରେ କଂଗ୍ରେସର ଆନ୍ଦୋଳନ

**ଯାଜପୁର ଟାଉନ ୧୪।୧୨ (ଡି.ଏନ୍.ଏ.):** କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ଚାଲିଥିବା ଆନ୍ଦୋଳନକୁ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି। ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦଙ୍କ ନେତୃତ୍ୱରେ ସୋମବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଧାରଣା ଦିଆଯାଇଥିଲା। ଯାଜପୁର ଜିଲା କଂଗ୍ରେସ ଉପ-ସଭାପତି ବିଭୂତି ଭୂଷଣ ମହାପାତ୍ର, ପିସିସି ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ହୃଷୀକେଶ ପତି, ଦଳିତ କଂଗ୍ରେସ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଶତପଥୀ ପ୍ରମୁଖ ଧାରଣା ଯୋଗଦେଇଥିଲେ। ଆଗାମୀ ଦିନରେ କୃଷକମାନଙ୍କର ନ୍ୟାର୍ଯ୍ୟଦାବି ହାସଲ ପାଇଁ କଂଗ୍ରେସ ଉଦ୍ୟମ ଜାରି ରଖିବ ବୋଲି ଏହି ଅବସରରେ ଘୋଷଣା କରାଯାଇଥିଲା। ଏହି ଆନ୍ଦୋଳନରେ ନବ ନିର୍ମାଣ କୃଷକ ସଙ୍ଗଠନ ଯାଜପୁର ଜିଲା ଶାଖା, ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜୁର ସଙ୍ଗଠନ, ଯାଜପୁର ଜିଲା, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଯାଜପୁର ଜିଲା ଶାଖା ପକ୍ଷରୁ ଧାରଣା ଦିଆଯାଇଥିଲା।

### ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

**ପାରାଦୀପ,୧୪।୧୨(ସ୍ୱ.ପ୍ର.) :** ପାରାଦୀପ ପୌରାଞ୍ଚଳରେ ୨ ଆହାରକେନ୍ଦ୍ର ପରିଚାଳନା କରୁଥିବା ସଂଗଠନ ଏବେ ବିବାଦରେ ଛନ୍ଦି ହୋଇପଡ଼ିଛି। ସଞ୍ଜୟ ସାମନ୍ତରାୟ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ଉକ୍ତ ସଂଗଠନ ବିରୋଧରେ ଅଭିଯୋଗ କରିବା ପରେ କୋର୍ଟ ଡିସେମ୍ବର ୧୦ରେ (ଡବ୍ଲୁପି(ସି)ନଂ. ୩୨୭୬୭/୨୦)ମାମଲା ରୁଜୁ କରିବା ସହ ତଦନ୍ତ ପାଇଁ ଆରଡିସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଜଣେ ସ୍ଥାନୀୟ ରାଜନେତାଙ୍କ ସମ୍ପୃକ୍ତି ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଭାଜପା ଯୁବନେତା ସମ୍ପଦ ସ୍ୱାଇଁ ସୋମବାର ଏକ ପ୍ରେସ ବିବୃତ୍ତି ଜରିଆରେରେ ଜଣାଇଛନ୍ତି ଯେ, ୮ଜାନୁୟାରୀ ୨୦୧୬ରେ ସମ୍ପୃକ୍ତ ରାଜ ନେତା ତାଙ୍କର ଅନୁଗାମୀଙ୍କୁ ଏକ ଅଣପଞ୍ଜୀକୃତ ସଂଗଠନ ନାମରେ ଆହାରକେନ୍ଦ୍ର ପରିଚାଳନା ପାଇଁ ଦେଇଥିଲେ। ଏଥିରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଏହା ନ ହେଲେ ଭାଜପା ବ୍ୟବସ୍ଥିତ ଢଙ୍ଗରେ ଜବାବ ଦେବ ବୋଲି ପ୍ରେସ ନୋଟ୍‌ରେ ଉଲ୍ଲେଖ କରାଯାଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ରାଜନଗର, ୧୪।୧୨ (ଡି.ଏନ.ଏ.):** ରାଜନଗର ଗ୍ରାମର ଧର୍ମ ପରାୟଣ ସାରିଆ ଦେବୀଙ୍କର ରବିବାର ପୂର୍ବାହ୍ନ ୯ଟାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ପହଞ୍ଚି ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

# ଅତି ଗୋପନରେ ଚାଲିଛି ନାବାଳିକା ବିବାହ

■ବର୍ଷକୁ ପ୍ରାୟ ୨ଶହ ନାବାଳିକା ବିବାହ କରୁଛନ୍ତି
■କାମରେ ଲାଗୁନି ଶିଶୁ ସୁରକ୍ଷା ଆଇନ
■ସଚେତନତା ପ୍ରତି ନଜର ନାହିଁ

**ମହାକାଳପଡ଼ା,୧୪।୧୨(ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁ ସୁରକ୍ଷା ଆଇନକୁ ତୃଣମୂଳସ୍ତରରୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି। ସୁପ୍ରିମକୋର୍ଟଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ କ୍ରମେ ଏହି ଆଇନକୁ କଡାକଡି ପାଳନ କରିବା ପାଇଁ ଉଭୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ସରକାରୀ ଓ ବେସରକାରୀସ୍ତରରେ ସଚେତନତା ସୃଷ୍ଟି କରାଯାଉଛି। ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସାମାଜିକ ସଙ୍ଗଠନ ସାମିଲ ହୋଇଛନ୍ତି। ଏହାପରେ ବି କେନ୍ଦ୍ରାପଡ଼ା ଜିଲାରେ ଚାଲିଥିବା ପାରମ୍ପରିକ ନାବାଳିକା ବିବାହକୁ ରୋକା ଯାଇ ନ ପାରିବା ଶିଶୁ ସୁରକ୍ଷା ଆଇନ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ୍ ଉପକୂଳ ଅଞ୍ଚଳରେ ବାର୍ଷିକ ହାରାହାରି ୨ଶହରୁ ଅଧିକ ପାରମ୍ପରିକ ବାଲ୍ୟ ବିବାହ (ନାବାଳିକା) ଆଇନର ଗଳାବାଟ ଦେଇ ଚାଲିଛି। ଅଧିକାଂଶ ସମୟରେ ଏପରି ବିବାହର ଆୟୋଜନ କରୁଥିବା ଉଭୟ ପରିବାର ଅତି ସତର୍କତା ଅବଲମ୍ବନ କରୁଛନ୍ତି। ଏ ସଂକ୍ରାନ୍ତରେ କୌଣସି ସୂତ୍ରରୁ ଖବର ପାଇ ଶିଶୁ ବିକାଶ ବିଭାଗ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସେହି ବରକନ୍ୟାଙ୍କୁ ଅତି ଗୋପନରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। କେବଳ ବିବାହ ବେଦୀକୁ ସାକ୍ଷୀ ଭାବେ ଗ୍ରହଣ କରାଯାଉଛି। ହେଲେ ସ୍ଥାନୀୟ ଲୋକେ ଏପରି ବିବାହକୁ ବିଭିନ୍ନ ଆଳ ଦେଖାଇ ଅସ୍ୱୀକାର କରୁଛନ୍ତି। ପ୍ରଶାସନ ପକ୍ଷରୁ ଉଭୟ ପରିବାରକୁ ସଚେତନ କରାଯାଇଛି। ସମ୍ପୃକ୍ତ ନାବାଳିକା,ନାବାଳକ ସାବାଳକ ନ ହେବା ପର୍ଯ୍ୟନ୍ତ ବିବାହ ନ କରିବା ପାଇଁ ତାଗିଦ କରାଯାଇଛି। ହେଲେ ତା'ର କୌଣସି ପ୍ରଭାବ ପଡୁନାହିଁ। ଏପରି ପରିସ୍ଥିତିରେ ଅଧିକାଂଶ ନାବାଳିକା ବିବାହ ପରେ ମାତୃତ୍ୱ ଲାଭ କରୁଛନ୍ତି। ପରବର୍ତ୍ତୀ ସମୟରେ ମା'ରକ୍ତହୀନତାର ଶିକାର ହେବା ସହିତ ଜନ୍ମିତ ଶିଶୁ ଭିନ୍ନକ୍ଷମ ହେଉଛି। ଏଥିଯୋଗୁ ଅଧିକାଂଶ ସମୟରେ ଉଭୟ ମା'ଓ ଶିଶୁର ଜୀବନ ପ୍ରତି ବିପଦ ରହିଛି। ଏପରି ନାବାଳିକାମାନେ ମାତୃତ୍ୱ ଲାଭ କରୁଥିଲେ ମଧ୍ୟ ସରକାରଙ୍କ ମମତା ଯୋଜନାରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ମହାକାଳପଡ଼ା ବ୍ଲକ୍‌ର ବତିଘର, ଜମ୍ବୁ, ସୁନିତି, ନାଂଜୁରା, ବଡଲକଣି, ଖରନାସୀ, ରାମନଗର, ପେଟଛେଲା, କଂସାର ବଡଦାଣ୍ଡୁଆ, ଗଗୁଆ ଆଦି ବଙ୍ଗଳା ଭାଷାଭାଷୀ ପଞ୍ଚାୟତରେ ଏପରି ନାବାଳିକା ବିବାହ ପ୍ରଥା ରହିଛି। କିଛିଦିନ ତଳେ ଏକ ନାବାଳିକା ବିବାହ ଚାଲିଥିବା ଖବର ପାଇ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେହି ବିବାହକୁ ରୋକିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅନ୍ୟ ସ୍ଥାନରେ ସେହି ନାବାଳିକାଙ୍କ ସହିତ ଜଣେ ନାବାଳକଙ୍କ ବିବାହ ଗୋପନରେ କରାଯାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଆଗାମୀ ଦିନରେ ଏହି ଘୃଣ୍ୟପ୍ରଥା ସମ୍ପୂର୍ଣ୍ଣ ବନ୍ଦ ପାଇଁ ବିଭାଗ ପକ୍ଷରୁ କଡା ପଦକ୍ଷେପ ନେବା ପାଇଁ ସାମାଜିକ କର୍ମୀ ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ ଓ ପରିବେଶପ୍ରେମୀ ସମରେନ୍ଦ୍ର ମାହାଳି ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ସମ୍ବନ୍ଧିତ ଶିଶୁ ବିକାଶ ଅଧିକାରୀ ମନୋରମା ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି, କିଛିଦିନ ତଳେ ଜମ୍ବୁ ଅଞ୍ଚଳରେ ନାବାଳିକା ବିବାହକୁ ରୋକିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ଆଗାମୀ ଦିନରେ ବତିଘର, ରାମନଗର, ଖରନାସୀ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

### ବିସ୍ଥାପିତ ପରିବାର କମିଟିର ପରାମର୍ଶଦାତା ଚୟନ

**ପାରାଦୀପ,୧୪।୧୨(ସ୍ୱ.ପ୍ର.)**

ପାରାଦୀପ ତୈଳବିଶୋଧନାଗାର ପ୍ରକଳ୍ପ ଯୋଗୁ ଜମି ହରାଇଥିବା ପରିବାରମାନଙ୍କ ପାଇଁ ଆନ୍ଦୋଳନ ଚଳାଇଥିବା ବିସ୍ଥାପିତ ପରିବାର କମିଟି ସୋମବାର ପରମର୍ଶଦାତା ଚୟନ କରିଛନ୍ତି। ସେ ହେଲେ ରାକେଶ କୁମାର ପଟ୍ଟନାୟକ। ରଙ୍ଗିଆଗଡ଼ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିବାର କମିଟିର ସଭାପତି ବସନ୍ତ କୁମାର ମାଝୀ, ସମ୍ପାଦକ ଯୋଗେନ୍ଦ୍ର ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ରାକେଶ କହିଛନ୍ତି। ଏହି ପ୍ରକଳ୍ପ ପାଇଁ ୧୭୫୨ ପରିବାର ଜମି ହରାଇଥିବା ବେଳେ ୧୪୩ ପରିବାର ବିସ୍ଥାପିତ ହୋଇଥିଲେ। ଏହି ସମସ୍ୟାର ସମାଧାନ ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ୨୦ ବର୍ଷ ହେବ ଦାବି କରାଯାଉଛି। ୧୪୩ ବିସ୍ଥାପିତ ପରିବାର ମଧ୍ୟରୁ ୬୬ ପରିବାର ଏହି କମିଟିର ସଦସ୍ୟ ରହିଛନ୍ତି।

# ଯାଜପୁରରେ ଅଦିନିଆ ଦୀପାବଳି



ଲୋକମାନେ ଦୀପ ଜାଳି ସ୍ୱାଗତ କରୁଛନ୍ତି।

■ମେଡିକାଲ କଲେଜକୁ କ୍ୟାବିନେଟ୍ ମୋହର ପରେ ଖୁସିର ଲହରି
■ଦୀପ ଜଳିଲା, ହୁଳହୁଳିରେ ସ୍ୱାଗତ କଲେ ମହିଳା

**ଯାଜପୁର ଟାଉନ ୧୪।୧୨ (ଡି.ଏନ୍.ଏ.)**

ଯାଜପୁର ସହରରେ ମେଡିକାଲ କଲେଜ ଖୋଲିବା ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ୍ ମୋହର ମାରିବା ପରେ ଯାଜପୁର ସହରରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ଯାଜପୁର ସହରର ସମସ୍ତ ପୂଜାମଣ୍ଡପ, ଦୋକାନ ବଜାର ଓ ଗୃହ ଦୀପ ଓ ମହମବତୀ ଆଲୋକରେ ଝଲସି ଉଠିଥିଲା। ଯାଜପୁର ଦଶାଶ୍ୱମେଧଘାଟରେ ମହିଳାମାନେ ବୈତରଣୀ ନଦୀକୂଳରେ ଦୀପ ଓ ମହମବତୀ ଜାଳି ଆଳତୀ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ନିରାମୟ ଜୀବନ କାମନା କରାଯାଇଥିଲା। ବିରଜା ମନ୍ଦିରରେ ୫ଶହ ମହିଳା ସମୁହ ଦୀପଦାନ କରି ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ଯାଜପୁରସହରର ସମସ୍ତ ପୂଜା ମଣ୍ଡପ, ବିଭିନ୍ନ ଛକରେ ନବୀନ ପଟ୍ଟନାୟକଙ୍କ ଫଟୋ ଲଗାଯାଇ ତାଙ୍କର ଏପରି ପଦକ୍ଷେପକୁ ସ୍ୱାଗତ କରାଯାଇଥିଲା।

ସୂଚନାଯୋଗ୍ୟ, ଯାଜପୁରରେ ୧୦୦ ସିଟ୍ ବିଶିଷ୍ଟ ଭେଷଜ ମହାବିଦ୍ୟାଳୟ, ୫୦୦ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ମେଡିକାଲ କଲେଜ୍ ପାଇଁ ୪୨୭କୋଟି ୫୧ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁରୀ ପାଇଁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ଏଲଏନ୍‌ଟି କୁ ଦିଆଯାଇଥିବା ବେଳେ ଆସନ୍ତା ୩୬ ମାସ ମଧ୍ୟରେ ନିର୍ମାଣ ଶେଷ କରାଯିବା ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏପରି ପଦକ୍ଷେପକୁ ସ୍ୱାଗତ କରିବା ସହ ଯାଜପୁରବାସୀ ସଦାସର୍ବଦା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଋଣି ରହିବେ ବୋଲି କହିଛନ୍ତି। ବିଧାୟକ ଦାସଙ୍କ ଉଦ୍ୟମ ଫଳରେ ମେଡିକାଲ କଲେଜ ପ୍ରତିଷ୍ଠା ହେଉଥିବାରୁ ସହରବାସୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଯାଜପୁର ସହର କିଆନାଳିକୁଳଠାରେ ପ୍ରସ୍ତାବିତ ମେଡିକାଲ କଲେଜ ପାଇଁ କ୍ୟାବିନେଟ୍‌ରେ ଅର୍ଥ ମଞ୍ଜୁର ପରେ 'ଧନ୍ୟବାଦ ନବୀନ' ଉତ୍ସବ ପାଳନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ବାଣ ଫୁଟା ଯିବା ସହିତ ସନ୍ଧ୍ୟାରେ ସହରର ପ୍ରତି ଘରେ ଦୀପଦାନ କରାଯାଇ ହୁଳହୁଳି ପକାଯାଇଥିଲା। ମନ୍ଦିର ଓ ମସ୍‌ଜିଦ୍‌ରେ ଆଲୋକ ସଜ୍ଜା ଯାଇଥିଲା। ଏହାକୁ ଲୋକେ ଅଦିନିଆ ଦିପାବଳୀ ବୋଲି କହିଥିଲେ।

### ଭିନ୍ନକ୍ଷମ ଅକ୍ଷମ ନୁହନ୍ତି

**କେନ୍ଦ୍ରାପଡା ଅଫିସ, ୧୪।୧୨**

ଭିନ୍ନକ୍ଷମମାନେ କାର୍ଯ୍ୟଦକ୍ଷତାରେ ଅକ୍ଷମ ନୁହନ୍ତି। ସାମାଜିକ ସ୍ରୋତରେ ସମାନ ହେବାକୁ ଦୃଢ଼ ଇଚ୍ଛାଶକ୍ତି ଓ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ପୁର୍ନବାସ ପକ୍ଷରୁ ଅନୁଷ୍ଠିତ ୱେବନାରରେ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଭିନ୍ନକ୍ଷମଙ୍କୁ ସାମାଜିକ ମୁଖ୍ୟସ୍ରୋତ ସାମିଲରେ ଅନ୍ତରାୟ ଶୀର୍ଷକ ଏହି ୱେବନାର ସହରର ମାଧପୁରସ୍ଥ ପୁର୍ନବାସ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ ଏଥିରେ ଯୋଗଦେଇ ଭିନ୍ନକ୍ଷମଙ୍କ ପାଇଁ ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ସଂଯୋଜକ ମଧୁସୂଦନ ଦାସ, ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ତିରୁପତି ରେଡ୍ଡି, ଅଧ୍ୟାପକ ସୌଦାଗର ବେହେରା, ସାମାଜିକ କର୍ମୀ ବିରଜା ପ୍ରସାଦ ପତି, ପୁର୍ନବାସ ଉପଦେଷ୍ଟା ବିରଜା ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ବୁଦ୍ଧିଜୀବୀମାନେ ଏହି ୱେବନାରରେ ଯୋଗ ଦେଇ ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟାରେ ଅନିୟମିତତା, ସହଯୋଗ ସମ୍ପର୍କରେ ମତ ଦେଇଥିଲେ। ଏହି ୱେବନାରକୁ ପୁର୍ନବାସର ସଭାପତି ଶ୍ୟାମାଶ୍ରୀ ମହାନ୍ତି ଓ ପ୍ରୋଗ୍ରାମ କୋଅର୍ଡିନେଟର ସତ୍ୟବ୍ରତ ପ୍ରଧାନ ପରିଚାଳନା କରିଥିଲେ।

### ନୂତନ କୃଷି ଆଇନ ବିରୋଧରେ ଗଣଧାରଣା

**କେନ୍ଦ୍ରାପଡା ଅଫିସ, ୧୪।୧୨**

ଅଖିଳ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତି କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ନୂତନ କୃଷି ଆଇନ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦିଆଯାଇଥିଲା। ଏଥିସହ କୃଷକ ନେତା ଫକୀର ଖଟୁଆଙ୍କ ଅଧକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନୂତନ କୃଷି ଆଇନର ପ୍ରତ୍ୟାହାର ଦାବି କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଥିଲା। ସଭାରେ କଂଗ୍ରେସ ନେତା ଗଣେଶ୍ୱର ବେହେରା, ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ଶର୍ମା, କୃଷକ ନେତା ଗୟାଧର ଧଳ, ରମଣି ରଞ୍ଜନ ରାଉତରାୟ, ଅଶୋକ ରାଉତ, ଉମେଶ ସିଂ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷି ନୀତି ସମ୍ପର୍କରେ ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ, ଚଳିତ କୃଷି ଆଇନ ତୃଣମୂଳସ୍ତରର କୃଷକଙ୍କ ପାଇଁ ଆତ୍ମଘାତୀ ହେବ। ଅପରପକ୍ଷରେ ଆଦାନୀ, ଅମ୍ବାନୀଙ୍କ ପରି ପୁଞ୍ଜିପତିଙ୍କ ହାତରେ କୃଷକଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବାକୁ ଏହି ଆଇନ ସୁଯୋଗ ଦେଇଛି। ଏ ନେଇ ୧୯ ଦିନ ଧରି ଆନ୍ଦୋଳନ ଚାଲିଛି। କେନ୍ଦ୍ର ସରକାର ନୂତନ କୃଷି ଆଇନକୁ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ କୃଷକ ଆନ୍ଦୋଳନ ଜାରି ରହିବ ବୋଲି ବକ୍ତାମାନେ ମତ ଦେଇଥିଲେ। ଏହି ଗଣଧାରଣାରେ ଓଡ଼ିଶା କୃଷକ ସଭା, ଅଖିଳ ଭାରତ କୃଷକ ସଭା, ନବନିର୍ମାଣ କୃଷକ ସଙ୍ଗଠନ, କୃଷକ କ୍ଷେତ ମଜଦୁର କଂଗ୍ରେସ, ଅଖିଳ ଭାରତ କୃଷକ ମହାସଂଘ, ନିଖିଳ ଉତ୍କଳ ଚାଷୀ ମୂଲିଆ ସଂଘର କର୍ମକର୍ତ୍ତା ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ କୃଷକ ନେତାମାନେ।

### ଚାଷୀଙ୍କ ଗଣଧାରଣା

**ନୟାଗଡ ଅଫିସ,୧୪।୧୨**

ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ କମିଟି ଆହ୍ୱାନରେ ସୋମବାର ଦିଲ୍ଲୀ କୃଷକ ସମାବେଶକୁ ସମର୍ଥନ କରି ନୟାଗଡ କୃଷକ ସଙ୍ଗଠନ ପକ୍ଷର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ କୃଷକ ନେତା ବିଶ୍ୱନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ହରିଶ୍ଚନ୍ଦ୍ର ମିଶ୍ର, ପ୍ରତିମା ନାଥ, କୃଷ୍ଣ ମହାପାତ୍ର, ଶରତ ବେହେରା ପ୍ରମୁଖ ବିଭିନ୍ନ ସଙ୍ଗଠନର ନେତାମାନେ ଯୋଗଦେଇ କୃଷକ ବିରୋଧୀ ୩ କଳା ଆଇନକୁ କେନ୍ଦ୍ର ସରକାର ବାତିଲ କରିବାକୁ ଦାବି କରିଥିଲେ। ଏହି ଅଭିଯାନ ପ୍ରତି ଗାଁରେ ଚାଲିବ। ଦରକାର ପଡିଲେ ଦିଲ୍ଲୀ ସମାବେଶରେ ଭାଗ ନେବେ ବୋଲି ସେମାନେ କହିଛନ୍ତି।

### ନୟାଗଡ଼ ମାଓବାଦୀ ଆକ୍ରମଣ ଘଟଣା

# ପ୍ରମାଣ ଅଭାବରୁ ପୁଣି ଜଣେ ଖଲାସ

**ନୟାଗଡ ଅଫିସ,୧୪।୧୨**

ନୟାଗଡ଼ ମାଓବାଦୀ ଆକ୍ରମଣରେ ସମ୍ପୃକ୍ତ ଅଭିଯୋଗରେ ବିଭିନ୍ନ ସମୟରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ସମେତ ୧୯ଜଣଙ୍କୁ ଗିରଫ କରାଯାଇଥିଲା। କେତେଜଣଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ତେବେ ପ୍ରମାଣ ଅଭାବରୁ ସୋମବାର ଅତିରିକ୍ତ ଜିଲା ଜଜ୍ ଇତିଶ୍ରୀ ମହାପାତ୍ରଙ୍କ କୋର୍ଟରୁ ପି. ରାମାରାଓ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପୂର୍ବରୁ ୧୪ଜଣ ଖଲାସ ହୋଇ ସାରିଛନ୍ତି। ଅନ୍ୟପକ୍ଷେ ଯେଉଁ ୪ଜଣ ଅଛନ୍ତି ସେମାନଙ୍କ ମଧ୍ୟରୁ ମାଓବାଦୀ ନେତା ସବ୍ୟସାଚୀ ବ୍ରହ୍ମପୁର ଜେଲରେ ଅଛନ୍ତି। ସହଯୋଗୀ ବି. କେଶବ ରାଓ ଓରଫ ଆଜାଦ୍ ଖରପଡା ଜେଲରେ। ସେହିପରି ନୟାଗଡ ସବ୍‌ଜେଲରେ ମଞ୍ଜୁଲତା ମୁଦୁଲି, ପ୍ରତାପ କିଣ୍ଡିକା ପ୍ରମୁଖ ଅନ୍ୟ ୨ ଜଣ ଅଛନ୍ତି। ଏମାନଙ୍କର ବିଚାର ଚାଲିଛି। ଆକ୍ରମଣର ୨ଦିନ ପରେ ପ୍ରଥମେ ଶୁଭଙ୍କର ପ୍ରଧାନ ଦଶପଲ୍ଲା ଅଞ୍ଚଳରୁ ଗିରଫ ହୋଇଥିଲେ। ପରେ ରଣଜିତ୍ ସାଣା, ରବି ଦୁଲାଇ, ଆଶୁତୋଷ ସୋରନ, କମଳକାନ୍ତ ସେଠୀ, ସୁଜାତା ଚୁକୁରୁକା, କିଶୋର ଜେନା, ପି.ରାମାରାଓ, ତୁନା କେଶବ ରାଓ ଓରଫ ଆଜାଦ୍, ପୁନୁ ଓରାମ, ମଞ୍ଜୁଲତା ମୁଦୁଲି, ପ୍ରତାପ କିମ୍ପିକା ଓ ସବ୍ୟସାଚୀ ପଣ୍ଡା ପ୍ରମୁଖ ଗିରଫ ହୋଇଥିଲେ।

୨୦୦୮ ଫେବୃୟାରୀ ୧୫ ରାତିରେ ନୟାଗଡ଼ ଜିଲା ଉପରେ ମାଓବାଦୀମାନେ ଆକ୍ରମଣ କରିଥିଲେ। ନୟାଗଡର ରିଜର୍ଭ ଅଫିସ, ପିଟିଏସ୍, ନୟାଗଡ଼ ଥାନା, ମହୀପୁର ଫାଣ୍ଡି, ନୂଆଗାଁ ଥାନା ଉପରେ ମାଓବାଦୀ ଆକ୍ରମଣ କରିଥିଲେ। ସେହିଭଳି ଦଶପଲ୍ଲା ଥାନା ପୋଡ଼ି, ନଡ଼ିଆ ଟ୍ରକ ଅପହରଣ ଓ ଆଇଆଇସିଙ୍କ ଘର ପୋଡ଼ି ଦେଇଥିଲେ। ମାଓବାଦୀମାନେ ରିଜର୍ଭ ଅଫିସ ଓ ପୋଲିସ ଟ୍ରେନିଂ ସ୍କୁଲ ଆର୍ମୋରୀରୁ ୫୦ହଜାରରୁ ଉର୍ଦ୍ଧ୍ୱ ଗୁଳି. ୩ ହଜାରରୁ ଉର୍ଦ୍ଧ୍ୱ ଗ୍ରେନେଡ୍, ୩୬ ବୋମା ଲୁଟି ନେଇଥିଲେ।

### ଉଚ୍ଚ ଶିକ୍ଷିତା ଫୁଲଙ୍କ ପଢ଼ା ଦାୟିତ୍ୱ ନେଲେ ବିଧାୟକ

**ପୋକ ଖାଇଥିବା ଧାନର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

**ମହାକାଳପଡା, ୧୪।୧୨( ଡି.ଏନ.ଏ.)**

ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ବ୍ଲକର ପେଟଛେଲା ପଞ୍ଚାୟତ ଶବରପଡା ଗାଁକୁ ଯାଇ ବିଭିନ୍ନ ପରିବାରକୁ ଭେଟି ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ଥାନୀୟ ଲୁଣିମାଠିଆ ଗାଁର ଉଚ୍ଚ ଶିକ୍ଷିତା ଛାତ୍ରୀ ଫୁଲ ହାଁସଦା ପରିବାରକୁ ଭେଟି ଅଭାବ ସମ୍ପର୍କରେ ବୁଝିବା ସହ ଅଧିକ ପାଠ ପଢ଼ା ଲାଗି ବିଧାୟକ ନାୟକ ଦାୟିତ୍ୱ ନେଇଥିଲେ। ଆଗାମିଦିନରେ ଫୁଲ ଦୁଇ ଭଉଣୀଙ୍କୁ ରାଜ୍ୟରେ ପ୍ରଶାସନିକ ସେବାରେ ସଫଳ ହେବାକୁ ପରାମର୍ଶ ଦେଇଥିଲେ। ମେଧାବୀ ଛାତ୍ରୀ ଫୁଲଙ୍କ ଘରେ ବିଧାୟକ ନାୟକ, ବିଡିଓ ଦେବାଶିଷ ରାଉତ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ସମରେନ୍ଦ୍ର ମାହାଳୀ ପହଞ୍ଚି ଥିଲେ। ଏହି ଗରିବ ଭୂମିହୀନ ପରିବାରକୁ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ସ୍ଥାୟୀ ପଟ୍ଟା, ଆଧାରକାର୍ଡ, ଜାତିଗତ ପ୍ରମାଣପତ୍ର, ରାସନ କାର୍ଡ, ଆବାସ ଯୋଜନାରେ ସାମିଲ କରିବାକୁ ବିଧାୟକ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜଙ୍ଗଲ ଘେରି ଶବରପଡାକୁ ଯାଇ ଭୂମିହୀନ ୩୦ ପରିବାରଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝି ତୁରନ୍ତ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ଘେରିପଡାରେ ଆବାସ ଯୋଜନା, ଭୂମିହୀନ ପଟ୍ଟା, ଅଙ୍ଗନୱାଡି କେନ୍ଦ୍ର, ସ୍ଥାୟୀ ପକ୍କା ରାସ୍ତା, ରାମଚଣ୍ଡୀ ଗଳିଆ ନଦୀରେ ଖୁବ୍‌ଶୀଘ୍ର ଏକ ବିଜୁ ସେତୁ ନିର୍ମାଣ ପାଇଁ ବିଧାୟକ ସୂଚନା ଦେଇଛନ୍ତି।



ମେଧାବୀ ଛାତ୍ରୀ ଫୁଲଙ୍କୁ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ ଭେଟୁଛନ୍ତି।

# ବିପଦରେ ରୁଢ଼ିଆ ନୂଆ ପୋଲ

■ପୋଲ ତଳୁ ମେଶିନରେ ବାଲି ଲୁଟ
■୨୦୧୧ରେ ଭୁଶୁଡ଼ିଥିଲା ପୁରୁଣା ପୋଲ

**ଯାଜପୁର ଅଫିସ,୧୪।୧୨**

ଷଷ୍ଠିପୁରଠାରୁ ଯାଜପୁର ଜିଲା ସଦର ମହକୁମାକୁ ଏକମାତ୍ର ପୂର୍ତ୍ତ ବିଭାଗ ରାସ୍ତାର ବୁଢ଼ା ନଦୀ ଉପରେ ନିର୍ମାଣ ହୋଇଥିବା ରୁଢ଼ିଆ ପୋଲ ବିପଦରେ ରହିଛି। ଯାଜପୁର ତହସିଲ ମାଳଆନନ୍ଦପୁର ମୌଜା ଅନ୍ତର୍ଗତ ବୈତରଣୀ ନଦୀର ରୁଢିଆ ଆନିକଟ ନିକଟରେ ଥିବା ଏହି ପୋଲ ତଳୁ ଏକାଧିକ ମେଶିନ ଲଗାଇ ବାଲି ଲୁଟ ହେଉଥିବାରୁ ଏଭଳି ସମ୍ଭାବନା ସୃଷ୍ଟି କରିଛି ବୋଲି ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ୨୦୧୧ ଅଗଷ୍ଟ ୨୨ରେ ଏଠାରେ ଥିବା ପୁରୁଣା ପୋଲର ୨ଟି ସ୍ପାନ୍ ଓ ୨ଟି ଖୁଣ୍ଟ ଭୁଶୁଡ଼ିପଡ଼ିଥିଲା। ପୋଲ ନିକଟରୁ ଅତ୍ୟଧିକ ବାଲି ଚୋରାଚାଲାଣ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ସେତେବେଳେ ଅଭିଯୋଗ ହୋଇଥିଲା। ମରାମତି ପରେ ଉକ୍ତ ପୋଲ ଦେଇ ଯାତାୟାତ ସମ୍ଭବ ହୋଇ ପାରିଥିଲା। ତେବେ ଏଥିଯୋଗୁ ପୋଲର ମାନ ଦୁର୍ବଳ ହେବାରୁ ସେହି ପୁରୁଣା ପୋଲକୁ ଲାଗି ଏକ ନୂତନ ପୋଲ ନିର୍ମାଣ ହୋଇଥିଲା, ଯାହାକି ପ୍ରାୟ ୪ ବର୍ଷ ହେବ କାର୍ଯ୍ୟକ୍ଷମ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ରୁଢିଆ ପୋଲର ଉଭୟ ପାର୍ଶ୍ୱର ୫୦୦ ମିଟର ଦୂରରେ କୌଣସି ବାଲି ଖାଦାନକୁ ସରକାରୀ ଭାବେ ଲିଜ୍ ଦିଆଯାଉ ନାହିଁ। ହେଲେ ବାଲି ବ୍ୟବସାୟୀମାନେ ସରକାରୀ ନୀତିନିୟମକୁ ନ ମାନି ପୋଲ ତଳୁ ମେଶିନ ସହାୟତାରେ ବାଲି ଉତ୍ତୋଳନ କରୁଥିବାରୁ ଏହି ପୋଲର ସ୍ଥାୟିତ୍ୱ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭିନ୍ନ ସମୟରେ ନଦୀଗର୍ଭରୁ ବାଲି ଖାଦାନ ଚିହ୍ନଟ କରିବାକୁ ସରକାରୀ ଗାଇଡ୍‌ଲାଇନ୍ ପ୍ରସ୍ତୁତ ହେଉଛି। ଏଥିରେ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହ ବୈଜ୍ଞାନିକ ପଦ୍ଧତିରେ ନଦୀବାଲିର ପରିମାଣ ଓ ଉତ୍ତୋଳନ ଆକଳନ ସହ ଅନ୍ୟାନ୍ୟ ପଦକ୍ଷେପ ନେବାକୁ ଗାଇଡ୍‌ଲାଇନରେ ଦର୍ଶାଯାଇଛି। ବେଆଇନ ବାଲି ଉତ୍ତୋଳନକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ବାଲି ବ୍ୟବସାୟୀମାନେ ଉଭୟ ରାଜସ୍ୱ ଓ ପୋଲିସ ଅଧିକାରୀଙ୍କୁ ହାତ କରି ବାଲି ଲୁଟ କରୁଥିବା ଅଭିଯୋଗ ହୋଇଛି। ଏହାବାଦ ରୁଢିଆ ଆନିକଟରୁ ପ୍ରବାହିତ ହେଉଥିବା ବୈତରଣୀ ନଦୀଜଳର ପ୍ରଖର ସ୍ରୋତ ଏହି ପୋଲର ସ୍ପାନ୍ ଓ ଖୁଣ୍ଟରେ ମାଡ ହୋଇଥାଏ। ତେଣୁ ଖୁଣ୍ଟକୁ ବାନ୍ଧି ରଖିବାକୁ ବାଲିର କ୍ଷମତା ଅଧିକ ଜରୁରୀ ଥିବାରୁ ବାଲି ଲୁଟ ଭବିଷ୍ୟତ ପାଇଁ ପୋଲ ସହ ଲୋକଙ୍କ ଜୀବନ ବିପଦରେ ପଡ଼ିପାରେ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ତହସିଲଦାରଙ୍କୁ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।



ରୁଢ଼ିଆ ପୋଲତଳୁ ଟ୍ରାକ୍ଟର ସାହାଯ୍ୟରେ ବାଲି ଉଠାଯାଉଛି।

## ନାବାଳିକାଙ୍କୁ ଅସଦାଚରଣ, ୩ କୋର୍ଟ ଚାଲାଣ

ରସୁଲପୁର,ଡି.ଏନ୍.ଏ.)-ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ବଜାର ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିଲା । ଉକ୍ତ ଘଟଣାରେ ପୋଲିସ କୁଆଖିଆ ବଜାର ସାରଙ୍ଗପୁର ମେଲଣ ପଡିଆର ଜିମ୍ବାଲୁ ମୁଣ୍ଡା (୨୦), ଭୋଳା ପ୍ରଧାନ (୧୯) ଓ ମୁଗୁପାଳ ଅଞ୍ଚଳର ମଣ୍ଟୁ ବେହେରା(୨୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଏହି ଯୁବକମାନେ ନାବାଳିକାଙ୍କୁ ଡାକି ନେଇ ଯୌନ ନିର୍ଯାତନା ଦେଇଥିଲେ । ଏହି ଘଟଣା ପରେ ନାବାଳିକା ଜଣକ କୁଆଖିଆ ମଣ୍ଡପ ନିକଟରେ ବସି କାନ୍ଦୁଥିଲେ । ତାଙ୍କ ବାପା ଖବର ପାଇ ସେଠାରେ ପହଞ୍ଚିଥିଲେ । ଶେଷରେ ଥାନାରେ ଅଭିଯୋଗ ହୋଇଥିଲା ।

**ସଂକ୍ଷେପରେ**

### ପୋଖରୀରେ ବୁଡ଼ି ବ୍ୟବସାୟୀ ମୃତ

**ଓଡ଼ଗାଁ, ୧୪।୧୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଓ ଏନ୍ଏସି ଅନ୍ତର୍ଗତ ପାଇକସାହି ବାସିନ୍ଦା କବୀର ପରିଡା(୫୫) ସାଗର ପୋଖରୀରେ ବୁଡି ଯିବାରୁ ମୃତ୍ୟୁ ଘଟିଛି। କବୀର ସୋମବାର ଅପରାହ୍ନ ସାଢେ ୩ଟାରେ ସ୍ନାନ କରିବାକୁ ପରିବା ବଜାର ନିକଟସ୍ଥ ପୋଖରୀକୁ ଯାଇଥିଲେ। ଅସାବଧାନତା ବଶତଃ ଗଭୀର ପାଣିରେ ବୁଡି ଯାଇଥିଲେ। ଅଗ୍ନିଶମ ବାହିନୀ କବୀରଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ଆଇଆଇସି ପ୍ରଜ୍ଞା ପାରମିତା ଜେନା ସୂଚନା ଦେଇଛନ୍ତି। ମୃତକ କବୀର ନିଜେ ଜଣେ ପରିବା ଚାଷୀ ହେବା ସହ ସ୍ଥାନୀୟ କୃଷକ ବଜାରରେ ବ୍ୟବସାୟ କରି ପରିବାର ଗୁଜୁରାଣ ମେଣ୍ଟାଉ ଥିଲେ। ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି।

### ଜଙ୍ଗଲ ଜମିରେ ଘେରି ନିର୍ମାଣ ଘଟଣାରେ ୩ ଗିରଫ

**ରାଜନଗର, ୧୪।୧୨ (ଡି.ଏନ.ଏ.):** ରାଜନଗର ବ୍ଲକ ଶୈଳେନ୍ଦ୍ରସରାଇ ଗାଁର ସୁଜନ ପ୍ରଧାନ, ମଧୁସୂଦନ ପ୍ରଧାନ, ମୋହନ ଡାକୁଆଙ୍କୁ ବନବିଭାଗ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ୬ମାସ ତଳେ ଜଙ୍ଗଲ ଜମିରେ ଚିଙ୍ଗୁଡି ଘେରି ନିର୍ମାଣ କରୁଥିଲେ। ବନବିଭାଗ କର୍ମଚାରୀମାନେ ବାଧା ଦେବାରୁ ସେମାନଙ୍କୁ ଆକ୍ରମଣ କରିଥିଲେ। ୬ ମାସ ତଳେ କନିକା ରେଞ୍ଜ କାର୍ଯ୍ୟାଳୟରେ ୧୯୭୨ ବନ୍ୟପ୍ରାଣୀ ଆଇନ ସେକ୍ସନ ୯, ୨୭, ୨୯, ୩୫ ସବ୍ ସେକ୍ସନ ୬,୮ ରେ ମାମଲା ରୁଜୁ ହୋଇଥିଲା। ୩ ଜଣଙ୍କ ନାଁରେ ୱାରେଣ୍ଟ ଥିଲା। ସୋମବାର କନିକା ରେଞ୍ଜ ଅଫିସର ସୁଶ୍ରୀ ସ୍ୱାତୀ ମହାନ୍ତି, ଫରେଷ୍ଟର ପ୍ରିୟବ୍ରତ ଚୌଧୂରୀ, ଫରେଷ୍ଟ ଗାର୍ଡ ସୁନିଲ ରଞ୍ଜନ ରାଉତରାୟ, ମଦନମୋହନ ହାଁସଦା, ଦୁଃଖିରାମ ହାଁସଦା ପ୍ରମୁଖ ଚଢାଉ କରି ୩ଜଣଙ୍କୁ ଗିରଫ କରଥିଲା।

### କଞ୍ଚନେଶ୍ୱର ବିଦ୍ୟାଳୟରେ ମୋ ସ୍କୁଲ କମିଟି ଗଠିତ

**ରାଜନଗର, ୧୪।୧୨ (ଡି.ଏନ.ଏ.):** ରାଜନଗର ବ୍ଲକ କୁରୁଣ୍ଟିଠାରେ ଥିବା କଞ୍ଚନେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟରେ ମୋ ସ୍କୁଲ କମିଟି ଗଠନ କରାଯାଇଛି। ପ୍ରଧାନଶିକ୍ଷକ ବୈଲୋଚନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନ ସମ୍ପର୍କରେ ମତବ୍ୟକ୍ତ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ମହିମା ରଞ୍ଜନ ମଙ୍ଗରାଜ, ଉପସଭାପତି ଦେବ ପ୍ରକାଶ ମହାନ୍ତି, ସମ୍ପାଦକ ଭାବେ ଶିବ କୁମାର ନରେନ୍ଦ୍ର, ଯୁଗ୍ମ ସମ୍ପାଦକ ଭାବେ ବିପ୍ଲବ ପଟ୍ଟନାୟକ, କୋଷାଧକ୍ଷ ଓ ଡିଜିଟାଲ ସଂଯୋଜକ ଭାବେ ପ୍ରେମ କୁମାର ପଟ୍ଟନାୟକ, ସଂଯୋଜକ ଭାବେ ମନୋରଞ୍ଜନ ପ୍ରଧାନ, ଉପଦେଷ୍ଟା ଭାବେ ଅବସରପ୍ରାପ୍ତ ଶିକ୍ଷକ ଶୈଳେନ୍ଦ୍ର ନାରାୟଣ ଖଟୁଆ, ନିମାଇଁ ଚରଣ ଖଟୁଆଙ୍କୁ ମନୋନୀତ କରାଯାଇଥିଲା। ଶିକ୍ଷକ ବେଣୁଧର ମହାସେଠୀ, ଦିଲୀପ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଓଡ଼ଗାଁ ବାର ଆସୋସିଏଶନ ଇନ୍ଦୁଭୂଷଣ ସଭାପତି, ବସନ୍ତ କୁମାର ସମ୍ପାଦକ

**ଓଡ଼ଗାଁ, ୧୪।୧୨(ସ୍ୱ.ପ୍ର.):** ଓଡ଼ଗାଁ ବାର ଆସୋସିଏଶନ ଫଳାଫଳ ପ୍ରକାଶ ପାଇଛି। ବାରର ବରିଷ୍ଠ ସଦସ୍ୟ ପବିତ୍ର ମୋହନ ସାହୁଙ୍କ ଅଧକ୍ଷତା ଓ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୋମବାର ବାର ଆସୋସିଏଶନ କାର୍ଯ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ଇନ୍ଦୁଭୂଷଣ ମିଶ୍ର ସଭାପତି, ରାବି ନାରାୟଣ ବରାଡ ଉପସଭାପତି, ବସନ୍ତ କୁମାର ମହାନ୍ତି ସମ୍ପାଦକ, ବିମଳେନ୍ଦୁ କୁମାର ନନ୍ଦ ସହସମ୍ପାଦକ, ଚିତ୍ତରଞ୍ଜନ ସେନାପତି କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ରାଧାକାନ୍ତ ମହାପାତ୍ର, ବିବେକାନନ୍ଦ ସରସ୍ୱତୀ, ପ୍ରଦୀପ କୁମାର ବିଷୋୟୀ, କିଶୋର ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ପାତ୍ର ଓ ପାଣୁ ଚରଣ ବେହେରା କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଏକ ବିଜ୍ଞପ୍ତି ଦ୍ୱାରା ସୂଚନା ଦେଇଛନ୍ତି।

# ପୋଖରୀ ନୁହେଁ, ଫେରିବାଲାଙ୍କୁ ଖୋଜ

**ନୟାଗଡ ଅଫିସ,୧୪।୧୨**

**ସ୍ୱାତୀ ନିଖୋଜର ୪ଦିନ**
- ଆସିଥିଲେ ୬ଜଣ, ଫେରିଲେ ଜଣେ

ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ବଧିପାଟଣା ଗାଁର ସ୍ୱାତୀ ନିଖୋଜର ୪ ଦିନ ବିତିଯିବାକୁ ବସିଛି। ହେଲେ ପୋଲିସ ଏହାର କୌଣସି ଟେର ପାଉନି। ପୋଲିସ ଓ ଓଡ୍ରାଫ ଟିମ୍ ଗାଁର ପୋଖରୀ, କୂଅ ଖୋଜୁଥିବାବେଳେ ଗାଁର କେତେଜଣ ଲୋକଙ୍କ ଘରକୁ ବୁଲି ଯାଞ୍ଚ କରୁଛନ୍ତି। ଏପରିସ୍ଥଳେ ସ୍ୱାତୀର ମା'ବାପା କିନ୍ତୁ ପୋଲିସକୁ ପରାମର୍ଶ ଦେଇଛନ୍ତି ବାରମ୍ବାର କୂଅ, ପୋଖରୀ ଖୋଜିବାରେ ସମୟ ଅପଚୟ ହେଉଛି। ଏହାର ଆବଶ୍ୟକତା ନାହିଁ। ଅପରାଧୀ ଝିଅକୁ ନେଇ ଖସି ଯିବାରେ ସକ୍ଷମ ହେବ। ପିଲା ଚୋରି କରୁଥିବା ସନ୍ଦେହ କରାଯାଉଥିବା ଫେରିବାଲାଙ୍କୁ ଖୋଜିବାକୁ କାନ୍ଦି କାନ୍ଦି କହିଛନ୍ତି। ସ୍ୱାତୀର ବାପା ସଞ୍ଜୟ ଓ ମା' ସବିତା ସାହୁଙ୍କ ଅଭିଯୋଗ ଅନୁସାରେ ଗାଁକୁ ଏକ ଅଟୋ ଯୋଗେ ଆସିଥିଲେ ୫ରୁ ୬ଜଣ ଫେରିବାଲା। ଗାଁ ମୁଣ୍ଡରେ ରହିଥିଲା ଅଟୋ। ଗାଁରେ ଆସି କମ୍ବଳ ବିକିଥିଲେ। ଆମ୍ଭେ ଏକ କମ୍ବଳ କିଣିଛୁ। ହେଲେ କମ୍ବଳ କିଣିବା ବେଳକୁ ଝିଅ ଘରେ ଥିଲା। କିନ୍ତୁ ସ୍ୱାତୀ ନିଖୋଜ ପରେ ଫେରିବାଲାଙ୍କୁ ଦେଖିବାକୁ ମିଳି ନ ଥିଲା। ଗାଁରୁ ଯାଇଥିଲେ ଜଣେ ଫେରିବାଲା। ଅନ୍ୟ ୫ ଜଣଙ୍କର ଟେର ମିଳି ନ ଥିଲା। ରବିବାର ୧୦ ଜଣ ଫେରିବାଲାଙ୍କୁ ଡକାଯାଇ ଟିଆଇ ପ୍ୟାରେଡ ହୋଇଥିଲା। ହେଲେ ସେମାନଙ୍କ ମଧ୍ୟରୁ କାହାକୁ ଚିହ୍ନଟ ହୋଇ ନ ଥିଲା। ନରେନ୍ଦ୍ରପୁରର ଜଣେ ବ୍ୟକ୍ତିଙ୍କ ଉପରେ



ବଧିପାଟଣାରେ ନୟାଗଡ଼ ଜିଲା କଂଗ୍ରେସର ଟିମ୍ ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ସନ୍ଦେହ ହେଉଛି। ତାଙ୍କୁ ତଦନ୍ତ ପରିସରଭୁକ୍ତ କର। ନୟାଗଡ ଟାଉନ ଥାନା ଅଞ୍ଚଳରେ ରହୁଥିବା ଓ ଅନ୍ୟ ଅଞ୍ଚଳର ଫେରିବାଲାଙ୍କୁ ତଦନ୍ତ ପରିସରଭୁକ୍ତ କର ବୋଲି କହିଛନ୍ତି।

**ଜିଲା କଂଗ୍ରେସ ଟିମ୍ ବଧିପାଟଣାରେ**

ସ୍ୱାତୀର ବଧିପାଟଣା ଗାଁକୁ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ମା' ବାପାଙ୍କୁ ଭେଟିଥିଲା। ଜିଲା ସଭାପତିଙ୍କ ସୂଚନା ଅନୁସାରେ, ଜିଲାରେ ବିପତ୍ତି ପଡିଛି। ଶିଶୁମାନେ ନିଖୋଜ ଓ ହତ୍ୟାର ଶିକାର ହେଉଛନ୍ତି। ସ୍ୱାତୀଙ୍କ ମା'ଙ୍କ କଥାରୁ ଜଣାପଡୁଛି, ପୋଲିସ ଫେରିବାଲାଙ୍କୁ ତଦନ୍ତ ପରିସରଭୁକ୍ତ କରୁ। ପ୍ରଥମରୁ ତଦନ୍ତ ସକ୍ରିୟ ହୋଇନି। ନିଖୋଜର ପ୍ରଥମ ଦିବସରେ ପୋଲିସ ରାତିରେ ଆସିଲା। ହେଲେ ନାକାବନ୍ଦି କରି ନ ଥିଲା। ୨ୟ ଦିବସରେ ପୋଖରୀ, କୂଅ ଖୋଜିଲା। ସେହିପରି ସାମାଜିକ କର୍ମୀ ରାନି ପ୍ରିୟଦର୍ଶନୀ ସାହୁ ଓ ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର ଅନୁରୂପ ଭାବେ ସ୍ୱାତୀର ମା'ବାପାଙ୍କୁ ଭେଟିଛନ୍ତି।

**ସାନକୁ ଝୁରୁଛି ଯାଁଳା ବଡ଼ ଭଉଣୀ**

ସ୍ୱାତୀ ଓ ବିଷ୍ଣୁପ୍ରିୟା ଯାଁଳା ଭଉଣୀ। ସାନ ଭଉଣୀକୁ ଦେଖିବାକୁ ନ ପାଇ ବିଷ୍ଣୁପ୍ରିୟା କାନ୍ଦୁଛି। କିଛିଖାଉନି। ପ୍ରତିମୁହୂର୍ତ୍ତରେ ଭଉଣୀ କୁଆଡେ ଗଲା ଖୋଜୁଛି। ଏଭଳିସ୍ଥଳେ ଘରେ ମଧ ଚୁଲି ଜଳୁନି। ମାତ୍ର ୧୫ ମିନିଟ୍ର ବ୍ୟବଧାନ ସାନ ଓ ବଡ ଭଉଣୀକୁ ଅଲଗା କରିଦେଲା। ଅପରାହ୍ନ ୨.୧୫ ମିନିଟ୍ରେ ବାରିପଟେ ଖେଳୁଥିଲେ ୨ ଭଉଣୀ। ସ୍ୱାତୀ ଦାଣ୍ଡପଟକୁ ଚାଲି ଆସିଲା। ବିଷ୍ଣୁପ୍ରିୟା ଘରେ ରହିଗଲେ। ସାଢ଼େ ୨ଟାରେ ଖୋଜିଲା ବେଳକୁ ସ୍ୱାତୀ ଆଉ ମିଳିଲେ ନାହିଁ।

## ନିଆଁ ଲାଗି ୧୬ ବଖରା ପୋଡ଼ିଗଲା

**ଏରସମା,୧୪।୧୨(ସ୍ୱ.ପ୍ର.)**

ଏରସମା ବ୍ଲକ ଜାନକାଦେଇପୁର ପଞ୍ଚାୟତସ୍ଥିତ ନରସିଂହପୁର ଗ୍ରାମରେ ରବିବାର ରାତିରେ ନିଆଁ ଲାଗି ୪ ପରିବାରର ୧୬ ବଖରା ପୋଡ଼ିଯାଇଛି। ଏଥିରେ ଅକ୍ଷୟ ପ୍ରଧାନଙ୍କ ୫, ବିଜୟ ପ୍ରଧାନଙ୍କ ୪,ଅଭୟ ପ୍ରଧାନଙ୍କ ୪ ଓ ପଦ୍ମଲୋଚନ ପ୍ରଧାନଙ୍କ ୩ ବଖରା ଜଳିପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଅକ୍ଷୟଙ୍କ ପରିବାର ଲୋକେ ରାତିରେ ଶୋଇଥିବାବେଳେ ହଠାତ୍ ଘରେ ନିଆଁ ଲାଗି ଅନ୍ୟଆଡ଼େ ବ୍ୟାପି ଯାଇଥିଲା। ଖବରପାଇ ଏରସମା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ମାତ୍ର ସେତେବେଳକୁ ବିପନ୍ନ ପରିବାରମାନଙ୍କ ଘର ଆସବବାପତ୍ର, ଧାନ ଓ ଅନ୍ୟାନ୍ୟ ଜିନିଷପତ୍ର ସବୁ ପୋଡ଼ିଯାଇଥିଲା।

# ବ୍ଲକ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା



ମହିଳାମାନେ ଶୌଚାଳୟ ଦୁର୍ନୀତିର ତଦନ୍ତ ଦାବି କରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ।

**କୁଜଙ୍ଗ,୧୪।୧୨(ଡି.ଏନ୍.ଏ.)**

**ଶୌଚାଳୟ ଦୁର୍ନୀତିର ତଦନ୍ତ ଦାବି**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନରେ ଶୌଚାଳୟ ନିର୍ମାଣ ଯୋଜନା ଓ କାର୍ଯ୍ୟାଦେଶ ବଣ୍ଟନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ସୂଚନା ଅଧିକାର ଆଇନରେ ବଳରେ ଏହି ଦୁର୍ନୀତି ଉପରେ ଠିକ୍ ତଥ୍ୟ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରି ସୋମବାର ପଞ୍ଚାୟତର ବହୁ ମହିଳା ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏ ସମ୍ପର୍କିତ ଏକ ଦାବିପତ୍ର ବିଡିଓ ଅମିୟ କୁମାର ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାଲିଆ ପଞ୍ଚାୟତରେ ବହୁ ହିତାଧିକାରୀ ସରକାରଙ୍କ ଶୌଚାଳୟ ନିର୍ମାଣ ଯୋଜନା ସମ୍ପର୍କରେ ଜାଣି ନ ଥିଲେ ମଧ ସେମାନଙ୍କ ନାମରେ ବିଲ୍ କରାଯାଇ ଟଙ୍କା ହଡ଼ପ କରାଯାଇଛି। କିଛି ପରିବାରର ୩ ରୁ ୪ ଜଣ ସଦସ୍ୟଙ୍କ ନାମରେ କାଗଜ କଲମରେ ଶୌଚାଳୟ ନିର୍ମାଣ ହୋଇଥିବା ଦର୍ଶାଇ ଟଙ୍କା ଚଳୁ କରିଦିଆଯାଇଛି। ଏହି ପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀକୁ ଶୌଚାଳୟ ପାଇଁ ଅର୍ଥ ପ୍ରଦାନ କରାଯାଇଛି। ମାତ୍ର ସେମାନେ ଏହାକୁ ନିର୍ମାଣ ନକରି ଅର୍ଥ ଉଠାଇନେଇଛନ୍ତି । ଜିଲା ବାହାର ଲୋକେ ଜାଲ ଠିକଣା ଦେଇ ଏହି ଯୋଜନାରେ ସାମିଲ ହୋଇଥିଲେ ମଧ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ ସୂଚନା ଅଧିକାର ଆଇନ୍ରେ ବଳରେ ବିଭାଗକୁ ମଗାଯାଇଥିଲା। ମାତ୍ର ମିଳିଥିବା ତଥ୍ୟ ଠିକ୍ ନୁହେଁ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ୭ଦିନ ଭିତରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ଶୁବାସିନି ମଲ୍ଲ, ସୁଲୋଚନା ସ୍ୱାଇଁ, ସରସ୍ୱତୀ ନାୟକ, ମେଘମାଳା ପଟ୍ଟନାୟକ ଓ ଜୟନ୍ତି ନାଥଶର୍ମା ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ବିଡିଓ ଅମିୟ କୁମାର ପଣ୍ଡା କହିଛନ୍ତି, ଖୁବ୍ଶୀଘ୍ର ଦୁର୍ନୀତିର ତଦନ୍ତ ହେବ ।

## ନ୍ୟାୟ ଦାବିରେ ଏଡିଏମ୍ଙ୍କ ଗୋଡ଼ ଧରିଲେ ନାବାଳିକା

**କେନ୍ଦ୍ରାପଡ଼ା ଅଫିସ, ୧୪।୧୨**

ମୃତ ଭଉଣୀକୁ ନ୍ୟାୟ ଦେବାକୁ ୧୧ ବର୍ଷୀୟା ସାନଭଉଣୀ କେନ୍ଦ୍ରାପଡା ଏଡିଏମ୍ ବସନ୍ତ ରାଉତଙ୍କ ଗୋଡ଼ ସୋମବାର ଧରିଛନ୍ତି। ଏଭଳି ଘଟଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଦେଖିବାକୁ ମିଳିଛି। ଏଡିଏମ୍ ରାଉତ ଏହି ମାମଲାକୁ ଯଥାଶୀଘ୍ର ସମାଧାନ ପାଇଁ ଏସ୍ପିଙ୍କୁ ଚିଠି କରିଛନ୍ତି। ନିକିରାଇ ଥାନା ବାରୋ ଗାଁର ଖଗେଶ୍ୱର ପରିଡାଙ୍କ ଝିଅ ରଶ୍ମିତା ନିକିରାଇପାଟଣା ଗାଁର ପ୍ରଦ୍ୟୁମ୍ନ ଥାଟୋଇଙ୍କୁ ୫ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରଠାରୁ ରଶ୍ମିତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିଲା। ନଭେମ୍ବର ୧୩ରେ ରଶ୍ମିତାଙ୍କୁ ଶାଶୁ, ଶ୍ୱଶୁର, ଦିଅର ଓ ସ୍ୱାମୀ ମିଶି ମାରିଦେବା ପରେ ପାଟିରେ ବିଷ ଢାଳି ଆତ୍ମହତ୍ୟାର ରୂପ ଦିଆଯାଇଥିବା ଖଗେଶ୍ୱରଙ୍କ ସ୍ତ୍ରୀ ଭଗବତୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପ୍ରଦ୍ୟୁମ୍ନଙ୍କୁ ଗିରଫ କରିଥିଲା। ତେବେ ଏଥିରେ ସମ୍ପୃକ୍ତ ଥିବା ପରିବାର ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭଗବତୀଙ୍କ ସମେତ ପରିବାର ସଦସ୍ୟ ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସମ୍ପୃକ୍ତ ପରିବାର ସଦସ୍ୟଙ୍କଠାରୁ ଦାବିପତ୍ର ଗ୍ରହଣ ସମୟରେ ଅଚାନକ ରଶ୍ମିତାଙ୍କ ସାନଭଉଣୀ ଏଡିଏମ୍ ରାଉତଙ୍କ ଗୋଡ଼ ଧରି ନ୍ୟାୟ ପାଇଁ ଦାବି କରିଥିଲା, ଯାହା ଉପସ୍ଥିତ ଲୋକଙ୍କୁ ବିସ୍ମିତ କରିଥିଲା।

## ଯୌତୁକ ପାଇଁ ନବବଧୂଙ୍କ ହତ୍ୟା ଅଭିଯୋଗ

**ଏରସମା,୧୪।୧୨(ସ୍ୱ.ପ୍ର.)**

ଏରସମା ଥାନା କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନିମୋଳ ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରଯାଇଛି ବୋଲି ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଜପା ପଞ୍ଚାୟତ ଭୂଆଁସାହି ଗ୍ରାମର ସ୍ୱର୍ଗତ ବିଚିତ୍ରାନନ୍ଦ ମହାନ୍ତିଙ୍କ ଝିଅ ସୁଜାତା। ଏନେଇ ମୃତକଙ୍କ ଦାଦା ରବିନ୍ଦ୍ର ଲେଙ୍କା ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨ ବର୍ଷ ତଳେ ସୁଜାତା କୃଷ୍ଣଚନ୍ଦ୍ରପୁର ଅଞ୍ଚଳରେ ପ୍ରେମ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସୁଜାତାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ ସ୍ୱାମୀ ଓ ଶ୍ୱଶୁର ଘରେ ଅନୁପସ୍ଥିତ ଥିବାବେଳେ ସୁଜାତା ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି ବୋଲି ଶାଶୁଘର ଲୋକେ କହିଛନ୍ତି। ଖବରପାଇ ଏରସମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁଜାତାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ଅଭିଯୋଗକୁ ଭିତ୍ତି କରି ଥାନାରେ ସ୍ୱାମୀ, ଦିଅର, ଶାଶୁ,ଶ୍ୱଶୁରଙ୍କୁ ଅଟକ ରଖାଯାଇ ପଚାରାଉଚୁରା କରାଯାଉଛି। ଖବର ଲେଖାହେବା ବେଳକୁ ଥାନା କୌଣସି ମାମଲା ରୁଜୁ ହୋଇ ନ ଥିଲା।

## ନିଟ୍ ପରୀକ୍ଷାରେ ଚାଷୀ ପୁଅଙ୍କ ସଫଳତା



ଶୁଭାଶିଷଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

**ରସୁଲପୁର,୧୪।୧୨(ଡି.ଏନ୍.ଏ.)**

**ଡାକ୍ତର ହେବେ ଶୁଭାଶିଷ**

ଯାଜପୁର ଜିଲା ରସୁଲପୁର ବ୍ଲକ ଓଡିଶୋ ପଞ୍ଚାୟତ ବାହାବଳପୁର ଗାଁ ସ୍କୁଲର ଛାତ୍ର ଶୁଭାଶିଷ ରାଉତଙ୍କୁ ନିଟ୍ ପରୀକ୍ଷାରେ ସଫଳତା ମିଳିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି । ଶୁଭାଶିଷଙ୍କ ବାପା କ୍ଷୀରୋଦ ବିହାରୀ ଜଣେ ଗରୀବ ଚାଷୀ । ମାଟି ସହ ମାଟି ହୋଇ ପ୍ରତିଦିନ ଅକ୍ଲାନ୍ତ ପରିଶ୍ରମ କରୁଥିବା ବାପା କ୍ଷୀରୋଦ ଓ ମା'କଳ୍ପନା ପୁଅର ଏପରି ସଫଳତାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି । ଶୁଭାଶିଷ ଡାକ୍ତର ହେଲେ ଗରିବ ରୋଗୀଙ୍କ ସେବା କରିବ ବୋଲି ସେମାନେ କହିଛନ୍ତି। ଏହି ସଫଳତା ପାଇଁ ରାଉତ ପରିବାରକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

ଶୁଭାଶିଷ ୨୦୨୦-୨୧ ନିଟ୍ ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୬୫୬୧ ର୍ୟାଙ୍କ୍ରେ ରହିଥିବା ବେଳେ ଓଡିଶାରେ ତାଙ୍କ ର୍ୟାଙ୍କ୍ ୧୩୫ । ସେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ପ୍ରଥମ ସିଲେକ୍ସନରେ ନାମ ଲେଖାଇବାକୁ ସୁଯୋଗ ପାଇଛନ୍ତି । ଶୁଭାଶିଷ ବାହାବଳପୁର ଗ୍ରାମର ବୁଢୀ ଜାଗୁଳାଇ ଉପ୍ରା ବିଦ୍ୟାଳୟ ଓ ମଧୁବନ ଉଚ୍ଚ ବିଦ୍ୟାଳୟର ଛାତ୍ର ଥିଲେ । ଭଦ୍ରକ ସରକାରୀ ମହାବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନ ଶ୍ରେଣୀରେ ପାସ୍ ପରେ ମାତ୍ର ୧୮ବର୍ଷ ବୟସରେ ତାଙ୍କୁ ଏହି ସଫଳତା ମିଳିଛି । ଏହି ଅବସରରେ ସୋମବାର ତାଙ୍କର ସହପାଠୀ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାରେ ଆୟୋଜନ କରାଯାଇଥିଲା। ଶୁଭାଶିଷ ପାଇଁ ଗାଁ ମାଟି ଗର୍ବିତ ଓ ଅନ୍ୟ ବିଦ୍ୟାର୍ଥୀମାନଙ୍କ ପାଇଁ ସେ ଆଦର୍ଶ ବୋଲି ଗାଁର ବୁଦ୍ଧିଜୀବୀମାନେ କହିଥିଲେ ।

# ନୂତନ କୃଷି ଆଇନ ବିରୋଧରେ ସତ୍ୟାଗ୍ରହ, ଧାରଣା

**ଜଗତସିଂହପୁର ଅଫିସ/ ବାଲିଆ,୧୪।୧୨**

କେନ୍ଦ୍ରୀୟ କୃଷି ଆଇନ-୨୦୨୦ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳକୁ ସମର୍ଥନ କରି ସୋମବାର ଜଗତସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନବ ନିର୍ମାଣ କୃଷକ ସଙ୍ଗଠନ ତରଫରୁ ସତ୍ୟାଗ୍ରହ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୂର୍ବାହ୍ନ ସଙ୍ଗଠନର କର୍ମୀମାନେ ଏକତ୍ରିତ ହୋଇ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରିବା ସହ ନାରାବାଜୀ



ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।

କରିଥିଲେ। ଯଥାଶୀଘ୍ର କୃଷି ଆଇନ ପ୍ରତ୍ୟାହାର କରିବାକୁ ଦାବିକରି ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସତ୍ୟାଗ୍ରହରେ ବଂଶୀଧର ପଟ୍ଟନାୟକ, ନିତ୍ୟାନନ୍ଦ ମହାନ୍ତି, ରଶ୍ମିରଞ୍ଜନ, ରଘୁନାଥ ନାୟକ ଓ ଶରତଚନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ଥିଲେ। ସେହିପରି ବିରିଡି ବ୍ଲକ କାର୍ଯ୍ୟାଳୟ ଆଗରେ ସିଆଇଟିୟୁ, ଏଆଇକେଏସ୍, ଏଆଇଏଏଲ୍ୟୁ ତରଫରୁ ଏହି ଆଇନ୍କୁ ବିରୋଧ କରି ଧାରଣା ଦିଆଯାଇଥିଲା। ଏହାକୁ ପ୍ରତ୍ୟାହାର ଦାବିକରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ହେମନ୍ତ କୁମାର ମହାନ୍ତିଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ଲୋଭାକାନ୍ତ ସ୍ୱାଇଁ, ଗଣେଶ ଚନ୍ଦ୍ର ମାଣିଆ, ଯୁଧିଷ୍ଠିର ଦାସ, ନଟବର ପଲେଇ, ବେଣୁଧର ବାରିକ, ରଘୁନାଥ ବେହେରା ଓ ଅଶୋକସାହୁପ୍ରମୁଖ ସାମିଲ ହୋଇଥିଲେ।

# ବ୍ୟାସନଗର, ଯାଜପୁର ପୌରବାସୀଙ୍କୁ ମଶା ଚିନ୍ତା

**ଯାଜପୁର ଅଫିସ/ଯାଜପୁର ଟାଉନ (ଡି.ଏନ.ଏ.),୧୪।୧୨**

- କାମରେ ଲାଗୁନି ବ୍ୟାଟେରି ଗାଡ଼ି
- ଅଳିଆ ସଂଗ୍ରହକୁ ନେଇ ବାଛବିଚାର

ଯାଜପୁର ଜିଲାର ବ୍ୟାସନଗର ଓ ଯାଜପୁର ଟାଉନ ପୌରାଞ୍ଚଳବାସୀ ପ୍ରଶାସକ ଶାସନରେ ପରିମଳ ବ୍ୟବସ୍ଥା ସୁଧୁରିବ ବୋଲି ବହୁତ ଆଶା ରଖିଥିଲେ। ଗତ ନଭେମ୍ବର ୨୧ରୁ ବ୍ୟାଟେରିଚାଳିତ ୨୧ଟି ଗାଡ଼ି ଜରିଆରେ ଅଳିଆ ସଂଗ୍ରହ କରାଯାଉଛି। ତେବେ ଅଳିଆ ସଂଗ୍ରହରେ ବିଳମ୍ବ ଏବଂ ବାଛବିଚାର ଯୋଗୁ ବ୍ୟାସନଗର ସହରରେ ଦିନ ଦିନ ଧରି ମଇଳା ଉଠୁନାହିଁ। ଅନୁରୂପ ଭାବେ ଯାଜପୁର ସହରରେ ପରିମଳ ବ୍ୟବସ୍ଥାରେ ଘରୋଇକରଣ ସହରବାସୀଙ୍କୁ ନୟାନ୍ତ କରିଛି। ଏହି ଦୁଇ ପୌରାଞ୍ଚଳର ପରିମଳ ବ୍ୟବସ୍ଥା ସୁଧାରିବାକୁ ମାସିକ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ କୌଣସି ସୁଫଳ ମିଳିପାରୁନାହିଁ। ଏଥିଯୋଗୁ ମଶା ଉପଦ୍ରବ ବୃଦ୍ଧି ପାଉଛି। ଫଳରେ ଦୁଇ ପୌରାଞ୍ଚଳବାସୀ ଯନ୍ତ୍ରଣା ଭୋଗୁଛନ୍ତି। କଠିନ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା କରି ନ ପାରିବା ଅଭିଯୋଗରେ ଲୋକେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍ଜିଟି) ଦ୍ୱାରସ୍ଥ ହେବେ ବୋଲି କ୍ଷୋଭ ପ୍ରକାଶ କରୁଛନ୍ତି।

ଦେଶରେ ବ୍ୟବସ୍ଥାଗତ ଦୃଷ୍ଟିରୁ ପୌରାଞ୍ଚଳକୁ ପ୍ରଶାସନିକ ବ୍ୟବସ୍ଥାରୁ ମୁକ୍ତ କରାଯାଇଛି। ହେଲେ ଦୁଇ ବର୍ଷ ହେଲା ପୌର ପରିଷଦରେ ନିର୍ବାଚନ ହେଉନାହିଁ। ଏହାର ସୁଯୋଗରେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ପୌରାଞ୍ଚଳବାସୀଙ୍କ କୌଣସି ଅଭିଯୋଗ ଶୁଣୁନାହାନ୍ତି। ଲୋକଙ୍କ ଆଶା ଭରସାକୁ ନିଜ ସ୍ୱାର୍ଥରେ ଅଧିକ ନିୟୋଜିତ କରାଯାଉଛି । ସମ୍ପୃକ୍ତ ଅଧିକାରୀମାନଙ୍କ ମନମାନି ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାଗୁଡିକର ଅପମାନ ହେଉଛି ବୋଲି ମତପ୍ରକାଶ ପାଉଛି। ବ୍ୟାସନଗର ସହରରେ କେତେକ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଜରିଆରେ ଘରକୁ ଘର ବୁଲି ବ୍ୟାଟେରିଚାଳିତ ଗାଡ଼ିରେ ଅଳିଆ ସଂଗ୍ରହ ହେଉଛି। ତେବେ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟାମାନେ କେବଳ ପଲିଥିନ ଓ ପନିପରିବା ଚୋପା ଦେବାକୁ କହୁଛନ୍ତି। ଅନ୍ୟ କୌଣସି ଅଳିଆ ଗାଡ଼ିରେ ପକାଇବାକୁ ବାରଣ କରୁଛନ୍ତି। ଏପରିକି ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ଲୋକଙ୍କ ପାଖକୁ ନିୟୋଜିତ ଗାଡି ପହଞ୍ଚୁଛି। ଜଣେ ଗୃହିଣୀ ଗାଧୋଇ ସାରି ପୂଜା କରିବା ପରେ ସାଧାରଣତଃ ଅଳିଆ ଆବର୍ଜନାକୁ ଛୁଇଁ ନ ଥାନ୍ତି। କିନ୍ତୁ ଗୃହିଣୀମାନେ ତାହା କରିବାକୁ ଏବେ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଅତି ବିଳମ୍ବରେ ଗାଡ଼ି ଆସିବା ଯୋଗୁ ଅନେକ ଲୋକ ଅପେକ୍ଷା ନ କରି ଅଳିଆ ଆବର୍ଜନାକୁ ଖୋଲାସ୍ଥାନରେ ଫୋପାଡ଼ି ଦେଉଛନ୍ତି। ଏଥିଯୋଗୁ ମଶା ଉପଦ୍ରବ ଢେରଗୁଣା ବଢ଼ିଯାଇଛି। ଯାଜପୁର ସହରରେ ପରିମଳ ବ୍ୟବସ୍ଥାର ଘରୋଇକରଣ ଅନୁରୂପ ପରିସ୍ଥିତି ସୃଷ୍ଟି କରିଛି। କୌଣସି ମଶାମରା ଔଷଧ କାମରେ ଲାଗୁନାହିଁ। ପ୍ରାୟ ୬ ମାସ ହେବ ସହରର କୌଣସି ଡ୍ରେନ ସଫା ହୋଇନାହିଁ। ଡ୍ରେନରେ ଆବଶ୍ୟକ ମଶାତେଲ ସିଞ୍ଚନ କରାଯାଉନାହିଁ। ଏଥିପାଇଁ ଆସୁଥିବା ଅନୁଦାନକୁ ଠିକାସଂସ୍ଥା ଓ ପୌର କର୍ତ୍ତୃପକ୍ଷ ମିଳିମିଶି ଚଳୁ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ମଶାଙ୍କ ଦୌରାତ୍ମ୍ୟ ହ୍ରାସ କରିବାରେ ଯାଜପୁର ପୌରପାଳିକା ସମ୍ପୂର୍ଣ୍ଣ ଭାବେ ଫେଲ୍ମାରିଛି ବୋଲି ସହରବାସୀ କହୁଛନ୍ତି। ଏ ସମ୍ପର୍କରେ ଯାଜପୁର ପୌରପାଳିକାର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କୌଣସି ମନ୍ତବ୍ୟ ଦେବା ପାଇଁ ରାଜି ହୋଇ ନ ଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବ୍ୟାଟେରିଚାଳିତ ଗାଡ଼ି ସକାଳୁ ଘରକୁ ଘର ବୁଲି ଅଳିଆ ଆବର୍ଜନା ସଂଗ୍ରହ କରିବ। ଏଥିରେ ବ୍ୟତିକ୍ରମ ଅଭିଯୋଗ ଆସିଲେ, ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ମାନପୁର କ୍ରିକେଟ ଟୁର୍ନାମେଣ୍ଟ ବାଲୁଙ୍କେଶ୍ୱର ବ୍ଲୁସ୍ ଟିମ୍ ଚାମ୍ପିୟନ

**ରସୁଲପୁର,୧୪।୧୨(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତରେ ୪ଦିନ ଧରି ଚାଲିଥିବା ମାନପୁର କ୍ରିକେଟ କପ୍ ଟୁର୍ନାମେଣ୍ଟ ସୋମବାର ଉଦ୍ଯାପିତ ହୋଇଛି । ଫାଇନାଲ ମ୍ୟାଚ୍ରେ ଅଫସରପୁର ଡ୍ରାଗନକୁ ହରାଇ ବାଲୁଙ୍କେଶ୍ୱର ବ୍ଲୁସ୍ ଚଳିତବର୍ଷ ଚାମ୍ପିୟନ ହୋଇଛି । ସ୍ଥାନୀୟ ସରପଞ୍ଚ ନିଲମ ମଲିକ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରିଥିଲେ । ଅଫସରପୁର ଡ୍ରାଗନ ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୫୭ରନ କରିଥିଲା । ୫୮ରନ୍ର ବିଜୟ ଲକ୍ଷ୍ୟ ନେଇ ବାଲୁଙ୍କେଶ୍ୱର ଦଳ ପଡ଼ିଆକୁ ଓହ୍ଲାଇଥିଲା । ଶେଷରେ ଦଳ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଚାମ୍ପିୟନ ଆଖ୍ୟା ଅର୍ଜନ କରିପାରି ଥିଲା ।

